# ତହସିଲଦାରଙ୍କ କାର୍ଯ୍ୟାଳୟ, ମ.ରାମପୁର

ପତ୍ର ସଂଖ୍ୟା-୮୫୭ ତାରିଖ- ୦୫.୦୩.୨୦୨୫

DRP ମାମଲା ସଂଖ୍ୟା- ୧୯/୨୦୨୪

## ଇସ୍ତାହାର

ଏତଦ୍ୱାରା ରାମପୁର ଗ୍ରା.ପ. ଅଧିନସ୍ଥ ଗୌଡକର୍ଲାଖୁଣ୍ଟା ଗ୍ରାମର ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଇଦିଆଯାଉଅଛି ଯେ, ନିମ୍ନ ତଫସିଲଭୁକ୍ତ ସରକାରୀ ଜମିକୁ ଜିଲ୍ଲାପାଳ, କଳାହାଣ୍ଡିଙ୍କ ଆଦେଶ ସଂଖ୍ୟା-୮୦୫ , ତା. ୨୦.୦୨.୨୦୨୫ ମୁତାବକ ଅଣସଂରକ୍ଷିତ କରାଯାଇ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ, ଓଡିଶା ସରକାରଙ୍କ ନାମରେ ଲିଜ ସୂତ୍ରରେ ହସ୍ତାନ୍ତରିତ କରିବା ପାଇଁ ସ୍ଥିର କରାଯାଇଅଛି ।

ଏହି ଜାଗା ଉପରେ ଗୌଡକର୍ଲାଖୁଣ୍ଟା ପ୍ରାଥମିକ ବିଦ୍ୟାଳୟ ସ୍ଥାପିତ ହୋଇ କାର୍ଯ୍ୟକାରୀ ହୋଇ ଆସୁଅଛି । ଅତଏବ ଏହି ମାମଲା ଉପରେ ଯଦି କାହାର କୌଣସି ଆପତ୍ତି/ଅଭିଯୋଗ ଥାଏ ତାହେଲେ ଏହି ଇସ୍ତାହାର ଜାରି ହେବା ତାରିଖ ଠାରୁ ପରବର୍ତ୍ତୀ ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀ ଅଧିକାରୀଙ୍କ କାର୍ଯ୍ୟାଳୟରେ ଲିଖିତ ଆକାରରେ ଆବଶ୍ୟକୀୟ କୋର୍ଟ ଫିଜ୍ ଷ୍ଟାମ୍ପ ଲଗାଇ ଏହାର ଶୁଣାଣି ନିମନ୍ତେ ଆପତ୍ତି/ ଅଭିଯୋଗ ଦାଖଲ କରିପାରିବେ । ଧାର୍ଯ୍ୟ ସମୟ ଗତେ କୌଣସି ଆପତ୍ତି/ ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

### ମାମଲା ଜମିର ବିବରଣୀ

| ମୌଜା | ଖାତାନଂ | ପ୍ଲଟ ନଂ | କିସମ | ମୋଟ ଏରିଆ | ପ୍ରସ୍ତାବିତ ଏରିଆ |
|---|---|---|---|---|---|
| କର୍ଲାଖୁଣ୍ଟା | ୬୮ (ରକ୍ଷିତ) | ୩୧୬ | ଉନ୍ନତ ଯୋଜନା ଯୋଗ୍ୟ | ଏ ୦.୭୨ଡି | ଏ ୦.୭୨ଡି |

ତହସିଲଦାର,
ମରାମପୁର
05/03/25
TAHASILDAR
M.RAMPUR

ସ୍ମାରକ ସଂଖ୍ୟା -୮୫୮ ତାରିଖ - ୦୫.୦୩.୨୦୨୫

ଏହି ଇସ୍ତାହାରର ଏକକିତା ନକଲ ଏହି କାର୍ଯ୍ୟାଳୟ ର ନୋଟିସ ଫଳକରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶିତ କରାଗଲା ।

ଏହାର ଏକକିତା ନକଲ ରାଜସ୍ୱନିରୀକ୍ଷକ, ମୋହନଗିରି ମଣ୍ଡଳ/ ସରପଞ୍ଚ, ଦେଢଶୁଳି ଗ୍ରା.ପଙ୍କୁ ପ୍ରେରଣ କରି ଅନୁରୋଧ କରାଗଲା କି ଜନସାଧାରଣଙ୍କ ଅବଗତି ନିମନ୍ତେ ସେମାନଙ୍କ କାର୍ଯ୍ୟାଳୟର ନୋଟିସ ଫଳକରେ ପ୍ରକାଶିତ କରିବେ । ଏହା ଛଡା ଗୌଡକର୍ଲାଖୁଣ୍ଟା ଗ୍ରାମର ପ୍ରମୁଖ ସ୍ଥାନରେ ଜନସାଧାରଣଙ୍କ ଅବଗତି ନିମନ୍ତେ ଲଟକାଜାରି କରାଗଲା ।

ଏହାର ଏକକିତା ନକଲ DeGM, କଳାହାଣ୍ଡିଙ୍କୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ କଳାହାଣ୍ଡି ଜିଲ୍ଲା ୱେବସାଇଟ(kalahandi.odisha.gov.in) ରେ ଅପଲୋଡ କରିବା ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର,
ମରାମପୁର
05/03/25
M.RAMPUR